Head, ITC 13/4/26

# ଫଳ ବିଜ୍ଞାନ ବିଭାଗ, କୃଷି ମହାବିଦ୍ୟାଳୟ

## ଓ.ୟୁ.ଏ.ଟି., ଭୁବନେଶ୍ୱର-୭୫୧୦୦୩

Director, P M E, OUAT No. ୭୭୪ Dt. 13/4/... BBSR-3

## ନିଲାମ ନୋଟିସ

ନଂ ...361... ତାରିଖ ...13/04/2026...

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଅଧିନରେ ଥିବା ଉଦ୍ୟାନ ବିଜ୍ଞାନ ଗବେଷଣା କେନ୍ଦ୍ର, ବରମୁଣ୍ଡାଠାରେ ଥିବା ଆମ୍ବ ଓ ସପେଟା ବଗିଚାରେ ଫଳ ଆସନ୍ତା ତା ୨୦.୦୪.୨୦୨୬ ରିଖ ସୋମବାର ଦିନ ୧୧ ଘଟିକା ସମୟରେ ବିଭାଗୀୟ ମୁଖ୍ୟ, ଫଳ ବିଜ୍ଞାନ ବିଭାଗ, ଓ.ୟୁ.ଏ.ଟି. ଙ୍କ କାର୍ଯ୍ୟାଳୟରେ ନିଲାମ ହେବା ପାଇଁ ସ୍ଥିରୀକୃତ ହୋଇଅଛି ।

ଉକ୍ତ ନିଲାମରେ ଅଂଶ ଗ୍ରହଣ କରିବାକୁ ଇଚ୍ଛୁକ ଥିବା ବ୍ୟକ୍ତି ବା ସଂସ୍ଥା ତା ୧୩.୦୪.୨୦୨୬ ରିଖ ଠାରୁ ୧୮.୦୪.୨୦୨୬ ରିଖ ମଧ୍ୟରେ ବିଭାଗୀୟ ମୁଖ୍ୟଙ୍କ କାର୍ଯ୍ୟାଳୟରୁ ନିଲାମ ଦରଖାସ୍ତ ଫର୍ମ ପାଇଁ ଅମାନତ ସ୍ୱରୂପ ୧୫୦୦୦/- ମାତ୍ର ବ୍ୟାଙ୍କ ଡ୍ରାଫ୍ଟ (in favour of Professor and Head, Dept. of Fruit Science & Horticulture Technology) ଜରିଆରେ ପଇଠ କରି ସେମାନଙ୍କର ନିଲାମ ଦରଖାସ୍ତ ଫର୍ମ ଗ୍ରହଣ କରିପାରିବେ । ଉକ୍ତ ଫର୍ମଟିକୁ ପୂରଣ କରି ବିଭାଗୀୟ ମୁଖ୍ୟଙ୍କ ପାଖରେ ନିଜେ କିମ୍ବା ଡାକ ଦ୍ୱାରା ୧୮.୦୪.୨୦୨୬ ରିଖ ଅପରାହ୍ନ ୫ ଘଟିକା ମଧ୍ୟରେ ଆବେଦନ କରିପାରିବେ । କେବଳ ଅମାନତ ଦାଖଲ କରିଥିବା ବ୍ୟକ୍ତି ବା ସଂସ୍ଥାର ଦରଖାସ୍ତ ଫର୍ମ ବିଚାରକୁ ନିଆଯିବ । ନିଲାମ ପରେ ନିଲାମ ପାଇ ନଥିବା ବ୍ୟକ୍ତି ବା ସଂସ୍ଥାକୁ ତାଙ୍କର ଅମାନତ ଟଙ୍କା ତୁରନ୍ତ ଫେରସ୍ତ କରାଯିବ । ସର୍ବୋଚ୍ଚ ମୂଲ୍ୟ (ଉଭୟ ଆମ୍ବ ଏବଂ ସପେଟାର ମିଳିତ ଭାବେ) ଦାଖଲ କରିଥିବା ବ୍ୟକ୍ତି ବା ସଂସ୍ଥା ସମସ୍ତ ଟଙ୍କା ବିଭାଗୀୟ ମୁଖ୍ୟଙ୍କର ନିର୍ଦ୍ଦେଶନାମା ପାଇବା ମାତ୍ରେ ତୁରନ୍ତ ଏକକାଳୀନ ଦାଖଲ କରିବେ ଓ ଫଳ ତୋଳା ଆରମ୍ଭ କରିବେ । ଫଳ ତୋଳା କାର୍ଯ୍ୟ ନିଲାମ ନିର୍ଦ୍ଦେଶନାମା ପାଇବା ଠାରୁ ତା ୧୫.୦୭.୨୦୨୬ ରିଖ ମଧ୍ୟରେ ଶେଷ କରିବେ । ଫଳତୋଳା କାର୍ଯ୍ୟ ସମୟ ସୀମା ଶେଷରେ ସେ "ନୋ କ୍ଲେମ୍ ସାର୍ଟିଫିକେଟ୍" ଅଫିସର ଇନ୍‌ଚାର୍ଜ, ଉଦ୍ୟାନ ଗବେଷଣା କେନ୍ଦ୍ରଙ୍କ ଠାରୁ ଆଣି ବିଭାଗୀୟ ମୁଖ୍ୟଙ୍କର ପାଖରେ ଦାଖଲ କରି ତାଙ୍କର ଅମାନତ ଟଙ୍କା ଫେରସ୍ତ ନେବେ ।

ଉକ୍ତ ନିଲାମ ଡାକିବାକୁ ଇଚ୍ଛୁକ ଥିବା ବ୍ୟକ୍ତି ବା ସଂସ୍ଥା ଅଫିସର ଇନ୍‌ଚାର୍ଜ କିମ୍ବା କୃଷି ଓଭରସିଅରଙ୍କର ମୌଖିକ ଅନୁମତି ନେଇ ଫଳ ବଗିଚା ତା ୧୩.୦୪.୨୦୨୬ ରିଖ ଠାରୁ ୧୮.୦୪.୨୦୨୬ ରିଖ ମଧ୍ୟରେ ଦିନ ୮ ଘଣ୍ଟା ଠାରୁ ୧୨ ଘଣ୍ଟା ମଧ୍ୟରେ ବୁଲି ଦେଖିପାରିବେ । ସମସ୍ତ ନିଲାମ ଦରଖାସ୍ତକାରୀ ତା ୨୦.୦୪.୨୦୨୬ ରିଖ ପୂର୍ବାହ୍ନ ୧୧ ଘଟିକା ସମୟରେ ବିଭାଗୀୟ ମୁଖ୍ୟଙ୍କ ଦପ୍ତରରେ ଉପସ୍ଥିତ ରହି ନିଲାମ କାର୍ଯ୍ୟରେ ଅଂଶ ଗ୍ରହଣ କରିବେ ।

ଫଳ ତୋଳା ମଧ୍ୟରେ ଉଦ୍ୟାନ ବିଜ୍ଞାନ ଗବେଷଣା କେନ୍ଦ୍ରର କୌଣସି କ୍ଷୟକ୍ଷତି ଘଟାଇଲେ କିମ୍ବା ଫଳ ବଗିଚା ମଧ୍ୟରେ ଭୋଜି କରି ମାଦକ ଦ୍ରବ୍ୟ ବ୍ୟବହାର କଲେ ନିଲାମ ନେଇଥିବା ବ୍ୟକ୍ତି ବା ସଂସ୍ଥା ତାହାର କ୍ଷତିପୂରଣ ବହନ କରିବେ ଓ ତାଙ୍କର ଅମାନତ ଟଙ୍କା ବାଜ୍ୟାପ୍ତି କରାଯିବ । ଠିକା ପାଇଥିବା ବ୍ୟକ୍ତି ବା ସଂସ୍ଥା ଆମ୍ବ ଓ ସପେଟା ବଗିଚାକୁ ଜଗିବା ଓ ତୋଳିବା ପାଇଁ ନିୟୋଜିତ କରିଥିବା ବ୍ୟକ୍ତିଙ୍କର ନାମ ଓ ଠିକଣା ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟକୁ ଜଣାଇବେ ।

ନିମ୍ନଲିଖିତ ଅଧିକାରୀ ନିଲାମକୁ କୌଣସି କାରଣରୁ ନାକଚ କରିପାରିବେ । ସେଥିପାଇଁ ସେ କାରଣ ଦର୍ଶାଇବାକୁ ବାଧ୍ୟ ନୁହନ୍ତି । ନିଲାମ ପରବର୍ତ୍ତୀ ସମୟରେ ପ୍ରାକୃତିକ ବିପର୍ଯ୍ୟୟ ପାଇଁ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

13/4/26

**ବିଭାଗୀୟ ମୁଖ୍ୟ, ଫଳ ବିଜ୍ଞାନ ବିଭାଗ**

DPME

ନମ୍ବର 362 ତା 13/04/2026

ଏହାର ଏକକିତା ନକଲ ଅଧକ୍ଷ, କୃଷି ମହାବିଦ୍ୟାଳୟ / ଗବେଷଣା ଅଧକ୍ଷ / କମ୍ପଟ୍ରୋଲର, ଓ.ୟୁ.ଏ.ଟି., ଭୁବନେଶ୍ୱରଙ୍କ ଗୋଚରାର୍ଥେ ଜଣାଇ ଦିଆଗଲା । ଅନ୍ୟମାନଙ୍କ ଗୋଚରାର୍ଥେ ନୋଟିସ୍ ବୋର୍ଡ଼ରେ ଲଗାଇବା ପାଇଁ ଅନୁରୋଧ ।

13/4/26

ବିଭାଗୀୟ ମୁଖ୍ୟ, ଫଳ ବିଜ୍ଞାନ ବିଭାଗ

ନମ୍ବର 363 ତା 13/04/2026

ଏହାର ଏକକିତା ନକଲ ଡି.ପି.ଏମ୍.ଇ., ଓ.ୟୁ.ଏ.ଟି., ଭୁବନେଶ୍ୱରଙ୍କ ଗୋଚରାର୍ଥେ ଜଣାଇ ଦିଆଗଲା । ଉକ୍ତ ନିଲାମ ନୋଟିସ୍‌କୁ ବିଶ୍ୱବିଦ୍ୟାଳୟର ୱେବ୍ ସାଇଟ୍‌ରେ ସର୍ବସାଧାରଣଙ୍କର ଅବଗତି ନିମନ୍ତେ ଅପ୍‌ଲୋଡ୍ କରିବାକୁ ଅନୁରୋଧ ।

13/4/26

ବିଭାଗୀୟ ମୁଖ୍ୟ, ଫଳ ବିଜ୍ଞାନ ବିଭାଗ

ନମ୍ବର 364 ତା 13/04/2026

ଏହାର ଏକକିତା ନକଲି ଜିଲ୍ଲା କୃଷି ଅଧିକାରୀ, ଖୋର୍ଦ୍ଧା । ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକଙ୍କ ଗୋଚରାର୍ଥେ ଜଣାଇ ଦିଆଗଲା । ଅନ୍ୟମାନଙ୍କ ଗୋଚରାର୍ଥେ ନୋଟିସ୍ ବୋର୍ଡ଼ରେ ଲଗାଇବା ପାଇଁ ଅନୁରୋଧ ।

13/4/26

ବିଭାଗୀୟ ମୁଖ୍ୟ, ଫଳ ବିଜ୍ଞାନ ବିଭାଗ

ନମ୍ବର 365 ତା 13/04/2026

ଏହାର ଏକକିତା ନକଲ ଲୋକ ସମ୍ପର୍କ ଅଧିକାରୀଙ୍କ ଗୋଚରାର୍ଥେ ଜଣାଇ ଦିଆଗଲା । ଅନ୍ୟମାନଙ୍କ ଗୋଚରାର୍ଥେ ନୋଟିସ୍ ବୋର୍ଡ଼ରେ ଲଗାଇବା ପାଇଁ ଅନୁରୋଧ ।

13/4/26

ବିଭାଗୀୟ ମୁଖ୍ୟ, ଫଳ ବିଜ୍ଞାନ ବିଭାଗ

ନମ୍ବର 366 ତା 13/04/2026

ଏହାର ଏକକିତା ନକଲ ବିଭାଗୀୟ ନୋଟିସ୍ ବୋର୍ଡ଼ ଫଳ ବିଜ୍ଞାନ ବିଭାଗ ଉଦ୍ୟାନ ବିଜ୍ଞାନ ଗବେଷଣା କେନ୍ଦ୍ର ରେ ସମସ୍ତଙ୍କ ଗୋଚରାର୍ଥେ ନୋଟିସ୍ ବୋର୍ଡ଼ରେ ଲଗାଇବା ପାଇଁ ଅନୁରୋଧ ।

13/4/26

ବିଭାଗୀୟ ମୁଖ୍ୟ, ଫଳ ବିଜ୍ଞାନ ବିଭାଗ